ପାଠ-୧

# ଦେଖ ଓ କହ

## STUDY NOTES

ଚାଲ ପିଲାମାନେ ଆଜି ବୁଲିଯିବା ବଣ ବା ଜଙ୍ଗଲ ଭିତରକୁ। ସେଠି ଦେଖିବା ନାନା ରକମର ପଶୁପକ୍ଷୀ ଏବଂ ଜାଣିବା ତାଙ୍କ ବିଷୟରେ ଅନେକ କିଛି ନୂଆ ନୂଆ କଥା।

**ପ୍ରଥମ ଛବି:**



୧. କ) ପିଲାମାନେ ଦେଖ ଆମେ ବଣ ଭିତରେ କ'ଣ ଦେଖୁଛେ ?

ଉ: ବଣ ଭିତରେ ପାହାଡ଼, ଝରଣା ଓ ଅନେକ ଗଛଲତା ଦେଖୁଛେ।

ଖ) ସବୁଜ ରଙ୍ଗର ଜାତି ଜାତିକା କ'ଣ ଦେଖୁଛେ ?

ଉ: ସବୁଜ ରଙ୍ଗର ଜାତି ଜାତିକା ଗଛ ଓ ଲତା ଦେଖୁଛେ।

୨. ଠିକ୍ ଉତ୍ତର ତଳେ ଗାର ଟାଣ ?

କ) ପାହାଡ଼ ତଳୁ <u>**ଝରଣା**</u> / ମାଟି ବୋହୁଛି।

) ପିଲାମାନେ ଦେଖ, ଏହି ପଶୁମାନେ ଅନ୍ୟ ପଶୁପକ୍ଷୀଙ୍କୁ ଶିକାର କରି ଖାଆନ୍ତି ଏବଂ ନିଜ ଘରେ ପୁଣି ଯାଇ ବିଶ୍ରାମ କରନ୍ତି।

**ଦ୍ୱିତୀୟ ଛବି:**



୩. କ) ବାଘ କେଉଁଠି ରୁହେ ?

ଉ: ବାଘ ପାହାଡ଼ର ଖୋଲ ଭିତରେ ରୁହେ।

ଖ) ଭାଲୁ କ'ଣ ଖାଏ ?

ଉ: ଭାଲୁ ସତେଜ ପଶୁ ଓ ପକ୍ଷୀ ମାରି ଖାଏ।

ଗ) ଭାଲୁ କେଉଁଠି ରୁହେ ?

ଙ) ଭାଲୁ ଘୋର ବନ ବା ବଣ ଭିତରେ ରୁହେ।

) ପିଲାମାନେ, ଏମାନେ ବଣ ଭିତରେ ରୁହନ୍ତି। ଏମାନେ ଡାଳ, ପତର ଓ ଫଳ, ମୂଳ ଖାଇ ରୁହନ୍ତି।

**ତୃତୀୟ ଛବି:**



୪. କ) ହାତୀ କ'ଣ ଖାଉଛି ?

ଉ: ହାତୀ ଡାଳ ଓ ପତର ଖାଉଛି।

ଖ) ହରିଣ କେଉଁଠି ରୁହେ ?

ଉ: ହରିଣ ବୁଦା ଭିତରେ ରୁହେ।

ଗ) କେଉଁ ପଶୁ ଜୋରରେ ଦୌଡୁଛି ?

ଉ: ଘୋଡ଼ା ଜୋରରେ ଦୌଡୁଛି।

ଘ) ମାଙ୍କଡ଼ କ'ଣ ଖାଉଛି ?

ଉ: ମାଙ୍କଡ଼ କଦଳୀ ଖାଉଛି।

ପିଲାମାନେ ! ଏହି ପଶୁମାନେ ଉଭୟ ଜଳରେ ଏବଂ ଶୁଖିଲା ଜାଗାରେ ବସବାସ କରନ୍ତି। ଆଉ ଜାଣିଛ ପିଲାମାନେ ଏହି ପଶୁମାନେ ଛାତିରେ ଭରାଦେଇ ଚାଲନ୍ତି।

**ଚତୁର୍ଥ ଛବି:**



୪. କ) କଇଁଛ କ'ଣ ଦିଏ ?

Changing your Tomorrow

ଉ: କଇଁଛ ଅଣ୍ଡା ଦିଏ।

ଖ) କୁମ୍ଭୀର କ'ଣ ଖାଉଛି ?

ଉ: କୁମ୍ଭୀର ମାଛ ଖାଉଛି।

ଗ) ବେଙ୍ଗ କେମିତି ବୋବାଏ ?

ଉ: ବେଙ୍ଗ କେଁ କଟର କରି ବୋବାଏ।

ପିଲାମାନେ ଏଠାରେ କେତେଗୁଡ଼ିଏ ପକ୍ଷୀ ମହା ଆନନ୍ଦରେ ବୁଲୁଛନ୍ତି। ଏମାନେ ଦେଖିବାକୁ ଖୁବ୍ ସୁନ୍ଦର।

**ପଞ୍ଚମ ଛବି:**



୫. କ) ବଗ କ'ଣ ଖାଉଛି ?

ଉ: ବଗ ମାଛ ଖାଉଛି।

ଖ) କିଏ ଆମର ଜାତୀୟ ପକ୍ଷୀ ?

ଉ: ମୟୂର ଆମର ଜାତୀୟ ପକ୍ଷୀ।

ଗ) କେଉଁ ପକ୍ଷୀଟି କଳା ?

ଉ: କାଉଟି କଳା।

ପିଲାମାନେ ! ଏବେ ଚାଲ ଯିବା କିଛି ଛୋଟ ଛୋଟ ଜୀବ ଏବଂ କୀଟମାନଙ୍କୁ ଦେଖିବା। ସେମାନେ ଖୁବ୍ ଅଲଗା। ପଶୁ ପକ୍ଷୀଙ୍କଠାରୁ ଛୋଟ ହେଲେ ମଧ୍ୟ ଖୁବ୍ କାମ ନିଜ ପାଇଁ କରନ୍ତି।

**ଷଷ୍ଠ ଛବି:**



୬. କ) ପିମ୍ପୁଡ଼ି ଅନବରତ ତା'ର କ'ଣ ଯୋଗାଡ଼ କରେ ?

ଉ: ପିମ୍ପୁଡ଼ି ଅନବରତ ତା'ର ଖାଇବା ଯୋଗାଡ଼ କରେ।

ଖ) ଗୁଣ୍ଡୁଚିମୂଷା କ'ଣ ଖାଉଛି ?

ଉ: ଗୁଣ୍ଡୁଚିମୂଷା ଫଳ ଖାଉଛି।

**ପିଲାମାନେ ! ତୁମ ପାଇଁ ଗୋଟିଏ ଛୋଟ ଉପଦେଶ**

**ନୀତିଶିକ୍ଷା:**

''ପଶୁପକ୍ଷୀମାନେ ବଣରେ ନିରାପଦରେ ବୁଲନ୍ତି, ତାଙ୍କୁ ଶିକାର କରିବା ଉଚିତ୍ ନୁହେଁ।''

♦♦♦